### ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଦାମନଯୋଡି,(ଡି.ଏନ.ଏ.)-କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମକରନ୍ଦ ବେଉରା ଶନିବାର ଅଚାନକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ। ଡାକ୍ତର ବେଉରା ସ୍ୱାସ୍ଥ୍ୟକେନ୍ଦ୍ରର ବର୍ହିବିଭାଗ, ଅନ୍ତଃ ଚିକିତ୍ସା ବିଭାଗ ପରିଦର୍ଶନ କରି ରୋଗୀଙ୍କ ସହ କଥାବାର୍ତ୍ତା ହୋଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ପରିଦର୍ଶନ ସମୟରେ ଡାକ୍ତର ପ୍ରଶାନ୍ତ କୁମାର ସାମଲଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ସୁନାବେଡା,୭।୧୧(ସ୍ୱ.ପ୍ର.)- ସେମିଲିଗୁଡା ଗାନ୍ଧୀନଗରର ଜଣେ ଯୁବକ ନିଜ ଘରେ ଫ୍ୟାନରେ ବେକରେ ରଶି ଲଗାଇ ଶନିବାର ଆତ୍ମହତ୍ୟା କରିଛନ୍ତି। ସେହେଲେ ଯୁଧିଷ୍ଠିର ସାହୁଙ୍କ ପୁଅ ସାଗରଚନ୍ଦ୍ର ସାହୁ (୨୭)। ଖବର ପାଇ ସୁନାବେଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ ଏନେଇ ୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଭୀମସେନ ନାୟକ କହିଛନ୍ତି।

### ଶିଶୁକାଠ ଜବତ, ୩ ଗିରଫ

ଚିତ୍ରକୋଣ୍ଡା,୭।୧୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ଶୁକ୍ରବାର ମନ୍ତ୍ରୀପୁଟ ଛକଠାରୁ ଏକ ବୋଲେରୋରେ ଶିଶୁକାଠ ଚାଲାଣ ହେଉଥିବା ଖବର ପାଇ ଏହାକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣ ଗିରଫ ହୋଇଥିବା ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ କହିଛନ୍ତି। ଟନେଲ କ୍ୟାମ୍ପ ପଞ୍ଚାୟତ ଚନ୍ଦ୍ରମଣ୍ଡଳ ଗ୍ରାମରୁ ଆନ୍ଧ୍ରର ସିଲେରୁକୁ ଏହି କାଠ ଚାଲାଣ ହେଉଥିଲା। ଜବତ ୧୭ଟି କାଠର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ଚଢ଼ାଉରେ ବନପାଳ ମୃତ୍ୟୁଞ୍ଜୟ ସେଠୀ, ଗୁଣ୍ଠାୱାର୍ଡା ବନପାଳ ଅର୍ଜୁନ ଚାଲାଣ ସହ ଅନ୍ୟମାନେ ସାମିଲ ହୋଇଥିଲେ। ୭୫/୨୦ରେ ଏକ ମାମଲା ରୁଜୁ କରାଯାଇ ଗିରଫ ୩ ଅଭିଯୁକ୍ତ ପି.ରାମ ବାବ(୨୯), ଆଡିଲି ଖରା (୨୦) ଏବଂ ରାଜେଶ ଖରା(୨୫)ଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

### କୋରାପୁଟ ଜିଲାରେ କରୋନାରେ ଜଣଙ୍କ ମୃତ୍ୟୁ

କୋରାପୁଟ, ୭।୧୧(ସ୍ୱ.ପ୍ର.)- କୋରାପୁଟ ଜିଲାରେ କରୋନାରେ ଶନିବାର ଜଣଙ୍କର ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେ ଜଣେ ୫୪ ବର୍ଷର ବ୍ୟକ୍ତି ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଶନିବର ୨୦ ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୪୯୮ରେ ପହଞ୍ଚିଛି। ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୩ ଜଣ, କୋରାପୁଟ ପୌରାଞ୍ଚଳରୁ ୩, କୋଟପାଡ ଏନଏସିରୁ ଜଣେ ଓ ସୁନାବେଡା ପୌରାଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ବୋରିଗୁମ୍ମା ବ୍ଲକରୁ ୫, ବୈପାରିଗୁଡା ବ୍ଲକରୁ ୩, କୁନ୍ଦୁରା, ପଟ୍ଟାଙ୍ଗୀ ଓ ଲମତାପୁଟ ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

### ମାଲକାନଗିରି: ୫ହଜାର ଟପିଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା

ମାଲକାନଗିରି,୭।୧୧(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ୨୦ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ଜିଲାରେ ୫୦୨୧ରେ ପହଞ୍ଚିଛି। ଶନିବାର ଚିହ୍ନଟ ୨୦ଜଣଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୨ଜଣ, ମାଥିଲି ବ୍ଲକରୁ ୨, ପଡିଆ ବ୍ଲକରୁ ୩ , ଖଇରପୁଟ ବ୍ଲକରୁ ୪, କାଲିମେଲା ବ୍ଲକରୁ ୯ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହଯଇଛି। ମୋଟ ଅକ୍ରାନ୍ତ ୫୦୨୧ ଜଣଙ୍କ ମଧ୍ୟରୁ ୪୭୩୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୭୦ ଜଣ ଚିକିତ୍ସିତ ହେଉଛନ୍ତି। ଜିଲାରେ ୨୧ଙ୍କ ମୃତ୍ୟୁ ହୋଇଛି।

### ସିପିଆଇଏମ୍ ପକ୍ଷରୁ ସର୍ବହରା ବିପ୍ଲବୀ ଦିବସ

ଚିତ୍ରକୋଣ୍ଡା,୭।୧୧(ଡି.ଏନ.ଏ.)-ଶନିବାର ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ ଗାଜୁଲୁମାମୁଡିରେ ଚିତ୍ରକୋଣ୍ଡା ବ୍ଲକ ସିପିଆଇଏମ୍ ସଙ୍ଗଠନ ପକ୍ଷରୁ ସର୍ବହରା ବିପ୍ଳବୀ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଙ୍ଗଠକ ବଳରାମ ଗଲରି, ସମ୍ପାଦକ ରଘୁନାଥ ହନ୍ତାଳ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ପତାକା ଉତ୍ତୋଳନ କରାଯାଇଥିଲା।

### ଅବକାରୀ ଚଢ଼ାଉ: ୫ ଗିରଫ

ମାଲକାନଗିରି,୭।୧୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ଶନିବାର ମିଳିତ ଭାବେ ୫ଟି ସ୍ଥାନ ବାଲିମେଲାର ସୁର୍ଲୁକୋଣ୍ଡା, ଡାଇକକ୍-୩, ରାୟପୁର, ଉର୍ମାଗୁଡା ଓ ବାଲିମେଲା ସହରରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲି ମଦ ଓ ପାଉଚ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୁକା ମାଡକାମି, ରାୟପୁର ଗ୍ରାମର ଲକ୍ଷ୍ମଣ ଗଲରି, ଘାସିରାମ ପାଙ୍ଗି, ସୁର୍ଲୁକୋଣ୍ଡା ଗ୍ରାମର ଦୁଲା କବାସୀ, ଉର୍ମାଗୁଡା ଗ୍ରାମର ଗଙ୍ଗା ମାଡକାମି। ଚଢ଼ାଉରେ ବାଲିମେଲା ଅବକାରୀ ବିଭାଗ ଓଆଇସି ଏଚ୍. ଜଗାରାଓ, ମାଲକାନଗିରି ଇନିସ୍ପେକ୍ଟର ଗଙ୍ଗା ପାଇକରାୟ, ଓର୍କେଲ ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୧୮ରୁ କୋରାପୁଟ ଜିଲାରେ ଖରିଫ ଧାନ ସଂଗ୍ରହ

- ଖୋଲିବ ୧୦୨ ଧାନମଣ୍ଡି
- ପ୍ରଥମ ପର୍ଯ୍ୟାୟରେ କିଣାଯିବ ୧୩ଲକ୍ଷ ୯୨ହଜାର କୁଇଣ୍ଟାଲ
- ଏଥର ଅଧିକ ୮ହଜାର ଚାଷୀ କରିଛନ୍ତି ପଞ୍ଜୀକରଣ

କୋରାପୁଟ,୭।୧୧(ସ୍ୱ.ପ୍ର.)


ଧାନସଂଗ୍ରହ ବୈଠକରେ ମନ୍ତ୍ରୀ, ବିଧାୟକ, ଜିଲାପାଳଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ଅଛନ୍ତି।

ଚଳିତ ମାସ ୧୮ତାରିଖରୁ କୋରାପୁଟ ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବ। ଜିଲାରେ ୧୦୨ଟି ଧାନମଣ୍ଡି ଖୋଲାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କୋରାପୁଟସ୍ଥିତ ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ମଧୁସୂଦନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, କୋରାପୁଟ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । କୋରାପୁଟ ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୧୩ଲକ୍ଷ ୯୨ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଧାନର ସହାୟକ ମୂଲ୍ୟ ୧୮୮୮ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ଅବସରରେ ବିଧାୟକ ତାରାପ୍ରସାଦ ବାହିନୀପତି ମଣ୍ଡିରେ ଭିତ୍ତିଭୂମି ଅଭାବ ରହିଥିବା ଅଭିଯୋଗ କରିଥିଲେ। ପୂର୍ବ ବର୍ଷରୁ ମଣ୍ଡିର ଭିତ୍ତିଭୂମି ବିକାଶ ନେଇ ଗୁରୁତ୍ୱାରୋପ କରାଯାଇଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସିନାହିଁ। ଖରିଫ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ଜିଲାର ସମସ୍ତ ଚାଷୀଙ୍କ ପାଖରୁ ଜିଲା ପ୍ରଶାସନ ଧାନ କିଣିବ। ଚଳିତବର୍ଷ ୩୪,୩୯୩ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ୨୬,୮୩୦ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏଥର ୮ ହଜାର ଚାଷୀ ବଢିଛନ୍ତି। ଏଥର କେବଳ କୋରାପୁଟ ଉପଖଣ୍ଡରେ ୨୬ଟି ମଣ୍ଡିରେ ଧାନ କ୍ରୟ କରାଯିବ। ତେବେ ଏହା ଏଫ୍‌ଏକ୍ୟୁ ମାନର ହୋଇଥିବା ଆବଶ୍ୟକ। କେବଳ ମଣ୍ଡିରେ ଧାନ ବିକିବା ଲାଗି ଚାଷୀଙ୍କୁ ସଚେତନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରତ୍ୟହ ମଣ୍ଡିରେ ୩ ହଜାର କୁଇଣ୍ଟାଲ ଧାନ କିଣାଯିବ। ଜଣେ ଚାଷୀ ଦିନକୁ କେତେ ଧାନ ବିକିପାରିବେ ସେସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ହେବ। ଧାନ କିଣାବିକା ପରେ ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯିବ । ଧାନ କିଣାରେ ଜାଲିଆତି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ । ଅନ୍ୟପକ୍ଷରେ ଧାନ କିଣାବିକାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ନେଇ ବୈଠକରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଫ୍‌ଏକ୍ୟୁ ମାନ ଆଳରେ ଚାଷୀଙ୍କଠାରୁ ଧାନ କାଟଛାଣ୍ଟ ନ କରିବାକୁ ବିଧାୟକ ବାହିନୀପତି ପ୍ରସ୍ତାବ ରଖିଥିଲେ। ମଣ୍ଡିର ବିକାଶ ପ୍ରତି ପ୍ରଶାସନ ଆଖି ବୁଜି ଦେଇଛି । ଏପରିକି ମଣ୍ଡିଗୁଡିକରେ ସର୍ବନିମ୍ନ ସୁବିଧା ସୁଯୋଗ ମିଳୁନି ବୋଲି ଚାଷୀମାନେ ମଧ୍ୟ ଅଭିଯୋଗ କରିଥିଲେ। ମଣ୍ଡି ପରିଚାଳନା ପାଇଁ ଆର୍‌ଏମ୍‌ସି ପାଖରେ ଅର୍ଥ ପଡି ରହିଥିଲା ବେଳେ ଏହା କେଉଁ କାମରେ ଲାଗିବ ବୋଲି ଚାଷୀ ପ୍ରଶ୍ନ ଉଠାଇଥିଲେ। ସମସ୍ତଙ୍କ ଉଦ୍‌ବେଗକୁ ଗ୍ରହଣ କରି ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ମଣ୍ଡିଗୁଡିକରେ ଭିତ୍ତିଭୂମି ସଜାଡିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଗୃହ ନିର୍ମାଣକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମୁହାଁମୁହିଁ

ଏମ୍‌ଭି୭୯,/କାଲିମେଲା, ୭।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି-୧୨୬ସ୍ଥିତ ଏକ ସରକାରୀ ଜମିରେ ଗୃହ ନିର୍ମାଣକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ନାଲାଗୁଣ୍ଡି ଗ୍ରାମବାସୀ ରାସ୍ତାରୋକୋ କରି ଉକ୍ତ ଗୃହକୁ ଭାଙ୍ଗି ଦେଇଛନ୍ତି। ଖବରରୁ ଜଣାପଡିଛି କାଲିମେଲା-ମୋଟୁ ୩୨୬ନଂ. ଜାତୀୟ ରାଜପଥର ଏମ୍‌ଭି-୧୨୬ ଗ୍ରାମ ନିକଟରେ ଥିବା ଏକ ଜମିରେ ଏମ୍‌ପିଭି ୭୮ ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ରାତାରାତି ଗୃହ ନିର୍ମାଣ କରିଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ତୀବ୍ର ବିରୋଧ କରିବା ସହ ଶନିବାର ଏହି ଘରକୁ ଭାଙ୍ଗି ଦେଇ ରାସ୍ତାରୋକୋ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଏମ୍‌ଭି-୭୯ ପୋଲିସ ଓ କାଲିମେଲା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାସ୍ତାରୋକୋରୁ ହଟିଥିଲେ। ପରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


ରାସ୍ତାରୋକୋ ଯୋଗୁଁ ଅଟକି ରହିଥିବା ଗାଡିମୋଟର ।

## ୨କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ: ୨ ଗିରଫ

କୋରାପୁଟ,୭।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଚାଟୁଆ ଗ୍ରାମ ନିକଟରୁ ପାଡୁଆ ପୋଲିସ ଏକ ବୋଲେରୋରୁ ୨୨୦କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ କୋଟପାଡି ଗ୍ରାମର ଗିରିଧାରୀ ଦିଶାରି ଏବଂ ମିଘଂରା ଗ୍ରାମର ଗୌର ଗୋପାଳ ପଣ୍ଡା ବୋଲି ଜଣାପଡିଛି। ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶରେ ପାଡୁଆ ପୋଲିସ ରାତିରେ ସୀମାନ୍ତ ଚାଟୁଆ ଅଞ୍ଚଳରେ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଚାଟୁଆ ନିକଟରେ ଏକ ବୋଲେରୋ(ଓଆର୍‌୦୮ଇ୦୫୮୭)କୁ ଦେଖି ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ । ଗାଡିରେ ଗଞ୍ଜେଇ ଥିବା ଜଣାପଡିବା ପରେ ପୋଲିସ ଏହାକୁ ଜବତକରି ୨ଜଣଙ୍କୁ ଗିରଫ କରି ଥାନାକୁ ନେଇଥିଲା । ତହସିଲଦାର ନରସିଂହ ଗାଦବାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବା ପରେ ଏହା ୨୨୦ କିଲୋ ବୋଲି ଜଣାପଡିଥିଲା। ଏନେଇ କେସ୍ ନଂ. ୮୫/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ୨ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସରୋଜ ମଲ୍ଲିକ କହିଛନ୍ତି। ଜବତ ଗଞ୍ଜେଇ କେଉଁଆଡ଼େ ଚାଲାଣ ହେଉଥିଲା ସେ ନେଇ ତଦନ୍ତ ଜାରି ରହିଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

## ଏମ୍‌ପିଙ୍କୁ ସମସ୍ୟା ଜଣାଇଲେ ଗ୍ରାମବାସୀ

ପଟ୍ଟାଙ୍ଗୀ,୭।୧୧(ଡି.ଏନ.ଏ.)


ଗ୍ରାମବାସୀ ଏମ୍‌ପିଙ୍କୁ ସମସ୍ୟା ଜଣାଉଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମ୍ପାଇ ପଞ୍ଚାୟତକୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଗସ୍ତକରି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ଫେରିଛନ୍ତି। ନିର୍ବାଚନର ଏକ ବର୍ଷ ପରେ ଏମ୍‌ପି ଉଲାକା ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ ନୂଆଗୁଡା ଗ୍ରାମରେ ମଧ୍ୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ଗ୍ରାମର ୱାର୍ଡସଭ୍ୟ ଲେବୁଗୁଣ୍ଡା ଆମ ଗ୍ରାମକୁ ବଡଗାଁ ଗ୍ରାମଠାରୁ ଆସିଥିବା ରାସ୍ତାର ଉନ୍ନତୀକରଣ ପାଇଁ ଏମ୍‌ପି ଉଲାକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ଏନେଇ ଗ୍ରାମବାସୀ ଅନେକଥର ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପଞ୍ଚାୟତ ପକ୍ଷରୁ ଆମ ଗ୍ରାମ ପାଇଁ ପ୍ରୋଟେକ୍ସନ ୱାଲ ଏବଂ ସିସି ରାସ୍ତା ପାଇଁ ଲିଖିତ ପ୍ରସ୍ତାବ ଯାଉଥିଲେ ମଧ୍ୟ ଏହାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଥିବା ସରପଞ୍ଚ ବିଲକ ଗୁଣ୍ଡା ଅଭିଯୋଗ କରିଥିଲେ। ଗ୍ରାମରେ ମୋବାଇଲ ନେଟ୍‌ୱର୍କ ସୁବିଧା ନ ଥିବାରୁ ଅନେକ ଛାତ୍ରୀଛାତ୍ର ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ ହେଉଥିବା ପ୍ରକାଶ କରିଥିଲେ। ପରେ ଏଠାରୁ ଏମ୍‌ପି ପଣ୍ଡେଇ ଗ୍ରାମକୁ ଗସ୍ତ କରି ଅଧାପନ୍ତରିଆ ଭାବେ ପଡିରହିଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାକୁ ତଦାରଖ କରିଥିଲେ। ଉକ୍ତ ଗ୍ରାମର ଗ୍ରାମବାସୀ ମଧ୍ୟ ଅଧାପନ୍ତରିଆ ରାସ୍ତା ସମ୍ପର୍କରେ ଏମ୍‌ପି ଉଲାକାଙ୍କୁ ଜଣାଇଥିଲେ। ପରେ ସେ ଫେରିବା ବାଟରେ ମାଳିପୁଟ ପଞ୍ଚାୟତର ସଦର ଗ୍ରାମକୁ ଗସ୍ତକରି ଗ୍ରାମବାସୀଙ୍କୁ ଭେଟିଥିଲେ। ଏଠାରେ ଗ୍ରାମବାସୀ ଗ୍ରାମର ପାନୀୟଜଳ ସମସ୍ୟା ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ପିଙ୍କ ସହ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ଗୋବିନ୍ଦ ଖରା, ସମିତି ସଭ୍ୟ ସୁବାସ ବଡବୁରା, ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗୀ, ଏମ୍‌ପି ପ୍ରତିନିଧି ଅର୍ଜୁନ ଖରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଘରୋଇ ବସ୍‌କୁ ଜିଲା ପରିବହନ ବିଭାଗର ତାଗିଦ୍

ଜୟପୁର, ୭।୧୧ (ଡି.ଏନ.ଏ)

କୋରାପୁଟ ଜିଲା ପରିବହନ ବିଭାଗ ପକ୍ଷରୁ ଭଡା ବାବଦକୁ ନେଇ ଘରୋଇ ବସ୍ ମାଲିକ ସଂଘକୁ ଚିଠି ଦ୍ୱାରା କଡା ତାଗିଦ କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ଘରୋଇ ବସ୍‌ଗୁଡିକର ବସ କଣ୍ଡକ୍ଟର ଏବଂ ଟିକେଟ ବୁକିଂ କାଉଣ୍ଟରରେ ଭଡା ବାବଦରେ ଅଧିକ ଅର୍ଥ ନେଉଥିବା ଅଭିଯୋଗ ହେଉଛି ବୋଲି ଚିଠିରେ କୁହାଯାଇଛି। ଠିକ ଦର ନେବା ସହିତ ସମସ୍ତ ଘରୋଇ ବସର ପ୍ରବେଶ ଦ୍ୱାରରେ ବିଭିନ୍ନ ସ୍ଥାନର ଦୂରତା ଏବଂ ଟଙ୍କା ଲେଖିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପରିବହନ ବିଭାଗ କର୍ତ୍ତୃପକ୍ଷ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜୟପୁର-କୋରାପୁଟ ୨୨ କି.ମି. ରାସ୍ତା ହୋଇଥିବା ବେଳେ ପ୍ରତି ସାଧାରଣ ବସରେ କିଲୋମିଟର ପ୍ରତି ୭୨ପଇସା ହିସାବରେ ୧୫ଟଙ୍କା ୮୪ପଇସା ବଦଳରେ ଯାତ୍ରୀଙ୍କ ଠାରୁ ୨୫ ଟଙ୍କା ନିଆଯାଉଥିଲା। ସେହିପରି ଜୟପୁରରୁ ଭୁବନେଶ୍ୱରକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପିଛା ଅଧିକ ୧୦୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ନେଉଥିବା ଅଭିଯୋଗ ହୋଇଥିଲା।

## ଜିଲା ବନବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

କୋରାପୁଟ,୭।୧୧(ସ୍ୱ.ପ୍ର.)-

କୋରାପୁଟ ଜିଲା ବନବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି । ମଞ୍ଚର ଜିଲା ସଂଯୋଜକ ଚିତ୍ରସେନ ଭୁମିଆଙ୍କ ନେତୃତ୍ୱରେ ସଦସ୍ୟ ମଦନ ମୋହନ ଭୁମିଆ, ବଳରାମ ଦୁରୁଆ ଚନ୍ଦ୍ର ଦୁରୁଆ, ଧନେଶ୍ୱର ଭତ୍ରା, ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମ ପରିବର୍ତ୍ତନ କରିଥିବା ଜନଜାତିଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ବାଦ ଦେଇ ତାଙ୍କୁ ମିଳୁଥିବା ସୁବିଧା ସୁଯୋଗ ପ୍ରତ୍ୟାହାର କରିନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ଜନତା ଅଧିକାର ସଙ୍ଗଠନର କାର୍ଯ୍ୟକାରୀ କମିଟି ବୈଠକ

ମାଲକାନଗିରି, ୭।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ ସମ୍ମିଳନୀ କକ୍ଷରେ ଜନତା ଅଧିକାର ସଙ୍ଗଠନର କାର୍ଯ୍ୟକାରୀଣି ବୈଠକ ଜିଲା ସଭାପତି କୁନାଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବିଭକ୍ତ କୋରାପୁଟ ଜିଲାର ସଭାପତି ଦେବେନ୍ଦ୍ର ବାହିନୀପତି, କୋରାପୁଟ ଉପସଭାପତି ଅମରଲାଲ ଆହୁଜା, ମାଥିଲି ଜିଲା ପରିଷଦ ସଭ୍ୟ କୋଷ ତାତି, ଜିଲା ପରିଷଦସଭ୍ୟା ଶାନ୍ତିଲତା ମାଝିଙ୍କ ସହ ୪୦ରୁ ଉର୍ଦ୍ଧ୍ୱ ସଭ୍ୟାସଭ୍ୟ ବୈଠକରେ ଯୋଗଦେଇଥିଲେ। ମାଲକାନଗିରି ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ଗରିବ ଆଦିବାସୀ ଏବଂ ମଧ୍ୟବିତ୍ତ ପରିବାରର ଲୋକେ ବିଶେଷ ସୁଫଳ ପାଉ ନାହାନ୍ତି। ଆଗାମୀ ଦିନରେ ଆଦିବାସୀଙ୍କ ଜଙ୍ଗଲ ଜମି ପଟ୍ଟା, ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରି, ସ୍ୱାଭିମାନ ଅଞ୍ଚଳବାସୀଙ୍କ ସୁରକ୍ଷା ଶ୍ରମିକଙ୍କୁ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି ବିରୋଧରେ ସଙ୍ଗଠନ ସ୍ୱର ଉତ୍ତୋଳନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ରାଷ୍ଟ୍ରୀୟ କିଷାନ ମଜୁଦର ସଂଘ ପକ୍ଷରୁ ଚାଷୀ ସମବେଶ

ମାଲକାନଗିରି,୭।୧୧(ଡି.ଏନ୍.ଏ.)

**ଗତବର୍ଷର ମାଣ୍ଡିଆ ବିକ୍ରି ପ୍ରାପ୍ୟ ପାଇନାହାନ୍ତି ୨୦ ଚାଷୀ**


ସମାବେଶରେ ଯୋଗଦେଇଥିବା ଚାଷୀମାନେ।

ମାଲକାନଗରି ଜିଲା ସ୍ୱାଭିମାନ ଅଞ୍ଚଳ ବଡପଡା, ବଡପଦର, ଦୋରାଗୁଡା ପଞ୍ଚାୟତର ଶତାଧିକ ଚାଷୀଙ୍କୁ ନେଇ ରାଷ୍ଟ୍ରୀୟ କିଷାନ ମଜୁଦର ମହାସଂଘ ପକ୍ଷରୁ ବଡପଦରଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧୁଳିପୁଟ ପଞ୍ଚାୟତକୁ କୃଷି ବିଭାଗର କୌଣସି ପଦାଧିକାରୀ ଗସ୍ତ କରି ଚାଷୀଙ୍କ ସମସ୍ୟା ବୁଝୁ ନ ଥିବା, ସରକାରଙ୍କ ଯୋଜନାରେ ରିହାତି ଦରରେ ସେମାନେ ଚାଷ ଉପକରଣ, ବିହନ, ସାର, କୃଷି ଯନ୍ତ୍ରପାତି ଆଦି ପାଇ ନ ଥିବା ଅଭିଯୋଗ କରିଥିଲେ। ଗତବର୍ଷ ଚିତ୍ରକୋଣ୍ଡା ଅଞ୍ଚଳରେ ପ୍ରଥମଥର ପ୍ରଶାସନ ମାଣ୍ଡିଆ ମଣ୍ଡି ଖୋଲି ଚାଷୀଙ୍କଠାରୁ ମାଣ୍ଡିଆ ଖରିଦ କରିଥିଲା। ଏ ପର୍ଯ୍ୟନ୍ତ ୨୦ ଜଣ ଚାଷୀ ସେମାନଙ୍କ ବିକ୍ରି ମାଣ୍ଡିଆର ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଥିଲେ। ଜିଲା ପ୍ରସାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ସହ ଚାଷୀଙ୍କୁ ଅବହେଳା କଲେ ରାଷ୍ଟ୍ରୀୟ କିଶାନ ମଜୁଦର ମହାସଂଘ ସଂଗ୍ରାମ କରିବ ବୋଲି କୃଷକ ନେତା ସର୍ବ କୁମାର ବିଶୋୟୀ, ସଭାପତି ସନୁ ଅନୁଗୁଙ୍କ ସହ ଚାଷୀ ନେତାମାନେ ଚେତାବନୀ ଦେଇଥିଲେ।

## ଭତ୍ତା, ଘରବାଡି ପଟ୍ଟା ବର୍ଣ୍ଟନ କାର୍ଯ୍ୟକ୍ରମ

କାଲିମେଲା,୭।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଏକ କାର୍ଯ୍ୟକ୍ରମରେ ବ୍ଲକରେ ୨୦ଟି ପଞ୍ଚାୟତରେ ଥିବା ୧୩୧ ଜଣ ହିତାଧିକାରୀଙ୍କୁ ଭତ୍ତା ଓ ଘରବାଡି ପଟ୍ଟା ବର୍ଣ୍ଟନ କରାଯାଇଛି। ତହସିଲ ପକ୍ଷରୁ ୯୪ ଜଣ ଘରବାଡି ପଟ୍ଟା ପାଇଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ଆଦିତ୍ୟ ମାଢି, ବ୍ଲକ ଅଧ୍ୟକ୍ଷ ମାଳା ମାଢି, ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି,ବିଡିଓ ଉମା ଶଙ୍କର ଦଳାଇ, ମୋଟୁ ତହସିଲଦାର ଶଶାଙ୍କ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ୪ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଟ୍ଟାବର୍ଣ୍ଟନ ପାଇଁ ଥିବା ବେଳେ ୯୪ ଜଣ ପଟ୍ଟା ପାଇଛନ୍ତି। ଅବଶିଷ୍ଟ ହିତାଧିକାରୀଙ୍କୁ ପରବର୍ତ୍ତୀ ସମୟରେ ମିଳିବ ବୋଲି ତହସିଲ ପକ୍ଷରୁ କରାଯାଇଛି ।

## ସୁନାବେଡ଼ା: ଅଧ୍ୟକ୍ଷଙ୍କ ପାଇଁ ବାହାରିଲେ ଛାତ୍ରୀ

କୋରାପୁଟ,୭।୧୧(ସ୍ୱ.ପ୍ର.)

ଜଣେ ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡନ ଦେଉଥିବା ଅଭିଯୋଗରେ ଗିରଫ ହୋଇଥିବା ସୁନାବେଡ଼ା ଜୁନିୟର ମହିଳା କଲେଜର ଅଧ୍ୟକ୍ଷ ପବିତ୍ର କୁମାର ବେଦାନ୍ତଙ୍କ ସପକ୍ଷରେ ଶନିବାର ପୁରାତନ ଓ ବର୍ତ୍ତମାନର ଛାତ୍ରୀମାନେ ବାହାରିଛନ୍ତି। ସେମାନେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଅଧ୍ୟକ୍ଷଙ୍କୁ ଫସାଇ ଏପରି କରାଯାଇଥିବା ଛାତ୍ରୀମାନେ ଅଭିଯୋଗ ଆଣିଛନ୍ତି। ଅଭିଯୋଗକାରୀଙ୍କ ଅଭିଯୋଗର ଆଉ ଥରେ ଠିକ୍ ତଦନ୍ତ କରିବା, ଅଧ୍ୟକ୍ଷଙ୍କ ମୋବାଇଲକୁ ସମ୍ପୃକ୍ତ ମହିଳା କର୍ମଚାରୀ ଜଣକ କେଉଁ ପରିସ୍ଥିତିରେ ଓ କ'ଣ ପାଇଁ ନେଉଥିଲେ ତାହା ଯାଞ୍ଚ କରିବା ପାଇଁ ଛାତ୍ରୀମାନେ ଦାବି ରଖିଛନ୍ତି। ପରେ ସେମାନେ ଏସ୍‌ଡିପିଓ ଗୁଣନିଧି ମଳିକଙ୍କୁ ଭେଟି ଦାବିପତ୍ର ଦେଇଥିଲେ।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରୀମାନେ।

## ବିଲ୍ଟ ପେପର ମିଲ୍ କର୍ମଚାରୀଙ୍କ ଧାରଣା ସ୍ଥଗିତ

ଜୟପୁର, ୭।୧୧ (ଡି.ଏନ.ଏ)


ଖବରଦାତା ସମ୍ମିଳନୀରେ ଧାରଣା ସ୍ଥଗିତ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

କୋରାପୁଟ ଜିଲା ଜୟପୁର ସହର ନିକଟସ୍ଥ ଗାଗନାପୁର ସ୍ଥିତ ବିଲ୍ଟ ସେୱା ପେପର ମିଲ୍ ଉତ୍ପାଦନ ୨୦୧୯ ଅପ୍ରେଲରୁ ବନ୍ଦ ରହିଛି । ବର୍ତ୍ତମାନ ଏହି ପେପର ମିଲକୁ ହାଇଦ୍ରାବାଦର ମଦେର ଏର୍ଥ ରିସରର୍ସେସ ପ୍ରାଇଭେଟ ଲିମିଟେଡ ନାମକ ଏମଏସଏମଇ କମ୍ପାନୀ କ୍ରୟ କରି ପରିଚାଳନା ଦାୟିତ୍ୱ ହାତକୁ ନେଇଛି। କେବଳ କେତେକ କର୍ମଚାରୀଙ୍କୁ ପେପରମିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡକାଯାଇ ମରାମତି କାର୍ଯ୍ୟ କରାଯାଉଥିବାରୁ ଅନ୍ୟ କର୍ମଚାରୀମାନେ ଏହାକୁ ବିରୋଧ କରି ସମସ୍ତ ସ୍ଥାୟୀ କର୍ମଚାରୀ ଓ ଶ୍ରମିକମାନେ ମଙ୍ଗଳବାରଠାରୁ ମୁଖ୍ୟଫାଟକ ନିକଟରେ ଧାରଣା ଦେଇଥିଲେ। ମ୍ୟାନେଜମେଣ୍ଟର କର୍ମଚାଚାରୀଙ୍କୁ ଭିତରକୁ ଛାଡି ନ ଥିଲେ। ଫଳରେ ସଦରଥାନାରେ କର୍ମଚାରୀ ପ୍ରତିନିଧି ଏବଂ କର୍ତ୍ତୃପକ୍ଷ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଶେଷରେ ଶନିବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରିବା ପରେ ଧାରଣାକୁ କର୍ମଚାରୀମାନେ ସ୍ଥଗିତ ରଖିଛନ୍ତି। ମୁଖ୍ୟଫାଟକ ଭିତରକୁ ବାହାରରୁ ଆସିଥିବା ସାମଗ୍ରୀ ଏବଂ କର୍ତ୍ତୃପକ୍ଷ, ଅଧିକାରୀଙ୍କୁ ଛାଡିଛନ୍ତି। ଆସନ୍ତା ଅପ୍ରେଲ ଶେଷ ସୁଦ୍ଧା କାରଖାନାରୁ କାଗଜ ଉତ୍ପାଦନ କରାଯିବା ନେଇ ଲକ୍ଷଧାର୍ଯ୍ୟ କରାଯାଇଛି। ସେହିପରି ସ୍ଥାୟୀ ନିଯୁକ୍ତିରେ ଥିବା ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକତା ଅନୁଯାୟୀ କାଗଜକଳର କାର୍ଯ୍ୟରେ ଯୋଗଦାନ କରିବାକୁ କୁହାଯିବ। ସମସ୍ତ ୩୩୨ଜଣ ସ୍ଥାୟୀ କର୍ମଚାରୀଙ୍କୁ ଉତ୍ପାଦନ ଆରମ୍ଭର ୧୫ ଦିନ ପୂର୍ବରୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେବେ ୨୨ ମାସର ଦରମା ମଧ୍ୟରୁ ଅଗ୍ରିମ ରୂପେ ସର୍ବନିମ୍ନ ୨୦ ହଜାର ଟଙ୍କା ପ୍ରଦାନ ନେଇ ପ୍ରତ୍ୟେକ କର୍ମଚାରୀ ଯେଉଁ ଦାବି ରଖିଥିଲେ ସେନେଇ ଉଚ୍ଚ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇନାହାନ୍ତି। ସ୍ଥାନୀୟ ଦଶହରା ପଡିଆ ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ କର୍ମଚାରୀଙ୍କ ଏକ ଖବରଦାତା ସମ୍ମିଳନୀରେ କାଗଜକଳ କିଭଳି ଉତ୍ପାଦନକ୍ଷମ ହେବ ସେଥିନେଇ କର୍ମଚାରୀ ମାନେ କର୍ତ୍ତୃପକ୍ଷଙ୍କୁ ସମସ୍ତ ସହାୟତା କରିବେ ବୋଲି ସ୍ପଷ୍ଟ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସଭାପତି ବାଲା ରାୟ, ବଂଶୀଧର ମହାକୁଡ, ଏନ.ସୁରେଶ କୁମାର, କେ. ହନୁମନ୍ତ ରାଓ, ସରୋଜ ପଣ୍ଡା, ପ୍ରହ୍ଲାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

